## ଷ୍ଟିଙ୍ଗ କ୍ୟାମେରା ଭଡ଼ା ପାଇଁ ବ୍ୟବହୃତ

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

**ତା.୦୭.୧୨.୨୦୧୪**

ଆଜି ଇକୋନୋମିକ ଟାଇମ୍ସରେ ଏକ ୪ଟି ପୃଷ୍ଠା ସମ୍ବଳିତ ତଥ୍ୟ ପ୍ରକାଶିତ ହୋଇଥିଲା । ଯାହାର ଶୀର୍ଷକ ଥିଲା ‘ ଡୁ କିଙ୍ଗସ ଅଫ ଷ୍ଟିଙ୍ଗ ଅପରେସନ ଫେସ ଏ କ୍ରେଡ଼ିଟ ଡ଼େଫିସିଟ ’

ଉକ୍ତ ଗଳ୍ପର ମୌଳିକ ବିଷୟ ବସ୍ତୁ ଥିଲା ଆଜି କିଛି ଏପରି ୱେବ ସାଇଟ ବାହାରିଛି ଯେଉଁମାନେକି କେବଳ ଷ୍ଟିଙ୍ଗ ଅପରେସନ କରୁଛନ୍ତି । ମାତ୍ର ସେମାନଙ୍କୁ ସ୍ଥାୟୀତ୍ୱ ବା ପ୍ରତିଷ୍ଠା ପାଇଁ କୌଣସି ଆର୍ଥିକ ସମ୍ବଳ ନାହିଁ । ସେମାନେ କେବଳ ସୋସାଇଟି ବା ଲାଭହୀନ ସଂସ୍ଥା ନାମରେ ପଞ୍ଜିକୃତ କରି କାର୍ଯ୍ୟ କରୁଅଛନ୍ତି । କାରଣ କମ୍ପାନୀ ଆକ୍ଟ ଅନୁଯାୟୀ ଯେ କୌଣସି ପଞ୍ଜିକୃତ କମ୍ପାନୀ ନିଜର ସମସ୍ତ କାର୍ଯ୍ୟ କଳାପ, ହିସାବ, ଆକାଉଣ୍ଟ ତଥା ସମସ୍ତ ଟିଖ ନିଖ ବାଲାନ୍ସ ସିଟ ଆଦି ପ୍ରତିବର୍ଷ ଦର୍ଶାଇବାକୁ ବାଧ୍ୟ । ଫଳରେ ପ୍ରତ୍ୟେକ କମ୍ପାନୀକୁ ତାର ହିସାବକୁ ସ୍ୱଚ୍ଛ କରିବାକୁ ହୋଇଥାଏ ।

ଏଭଳି ବହୁ ସଂଖ୍ୟକ ୱେବ ସାଇଟ କିଛି ଅଣ କଂଗ୍ରେସ ନେତା ବିଶେଷ କରି ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଲକ୍ଷ୍ୟରେ ରଖି କାର୍ଯ୍ୟରତ । ବର୍ତ୍ତମାନ କିଛି ଦିନ ତଳେ ସେମାନେ ଆମ ଆଦମୀ ପାର୍ଟିକୁ ପଦାରେ ପକାଇବାକୁ ଚେଷ୍ଟା କରିଥିଲେ । ମାତ୍ର କୌଣସି ଆର୍ଥିକ ନମୁନା ନଥାଇ କେବଳ ସାହଯ୍ୟକାରୀଙ୍କ ସହାୟତାରେ ସେଗୁଡ଼ିକ ଚାଲୁଛି କିପରି ? ଉକ୍ତ ଅଦୃଶ୍ୟ ଆର୍ଥିକ ସହାୟତା ଜନତାଙ୍କୁ ସନ୍ଦେହ କରିବାକୁ ବାଧ୍ୟ କରାଏ । ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି ସରକାର ନା କଂଗ୍ରେସ ପାର୍ଟି କେବେ ଏହାର ଶିକାର ହୋଇଛନ୍ତି । ହେଲେ ଏପରି ଛଳନା କରୁଥିବା ବ୍ୟକ୍ତି ମାନଙ୍କୁ ନିଜକୁ ସ୍ୱଚ୍ଛ ବୋଲି ଦର୍ଶାଇବାକୁ ହେବ । ସେମାନଙ୍କୁ ଜନ ସାଧାରଣଙ୍କ ଆଗରେ ସ୍ୱଷ୍ଟତା ମଧ୍ୟ ଦେବାକୁ ହେବ । ଯେଉଁ ସୂତ୍ରରୁ ତାଙ୍କର ଆର୍ଥିକ ସହାୟତା ମିଳୁଅଛି ତାହା ଦର୍ଶାଇବାକୁ ହେବ । ନଚେତ ସମସ୍ତଙ୍କର ସନ୍ଦେହ ଦୃଢ଼ିଭୂତ ହେବ କି ଉକ୍ତ ଷ୍ଟିଙ୍ଗ ଅପରେସନ ଭଡ଼ାରେ କରାଯାଉଅଛି ।